# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 August – 2026

*********************************

## ମୁଖ୍ୟ ସମ୍ବାଦ

- ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି

— ଆସନ୍ତାକାଲି ଦିଲ୍ଲୀର ଲାଲକିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ

— ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ

- ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ ପାଇଁ ରାଜ୍ୟର ୧୭ ଜଣଙ୍କୁ ମିଳିବ ପୁଲିସ୍ ସେବା ପୁରସ୍କାର
- ସାମାଜିକ ସଂହତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି 'ବିଭାଜନ ବିଭୀଷିକା ସ୍ମୃତି ଦିବସ'

ଏବଂ

- ରାଜ୍ୟର ୪ଟି ଜିଲ୍ଲାରେ ବନ୍ୟାସ୍ଥିତି ସୃଷ୍ଟି ହୋଇଥିବା ନେଇ ଏସ୍ଆରସିଙ୍କ ସୂଚନା

## ରାଷ୍ଟ୍ରପତି ଉଦ୍‌ବୋଧନ

ଦେଶ ଆସନ୍ତାକାଲି ଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ। ଏହା ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ଉଭୟ ହିନ୍ଦୀ ଓ ଇଂରାଜୀରେ ଏହାର ସିଧା ପ୍ରସାରଣ କରାଯିବ। ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପରେ ଦୂରଦର୍ଶନରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ। ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ସମୟରେ ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ।

## ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧନ କରିବେ । ଭାରତୀୟ ବାୟୁସେନାର ଦୁଇଟି ଏମ୍‌ଆଇ-୧୭ ହେଲିକପ୍ଟର ଦ୍ୱାରା ଆୟୋଜନ ସ୍ଥଳରେ ପୁଷ୍ପବୃଷ୍ଟି କରାଯିବ। ଜାତୀୟପତାକା ଉତ୍ତୋଳନ ସହିତ ୨୧ ତୋପ ସଲାମୀର ପ୍ରଦର୍ଶନ କରାଯିବ।  ପ୍ରଥମଥର ପାଇଁ ଲାଲକିଲ୍ଲାରେ ବନ୍ଦେ ମାତରମ୍ ଗାନ କରାଯିବ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍ ଏବଂ ମାଇଁ ଭାରତର ସ୍ୱେଚ୍ଛାସେବୀମାନେ ଜାତୀୟ ଗାନ ବନ୍ଦେ ମାତରମ୍ ଗାଇବେ। ଏହାପରେ ଜାତୀୟ ସଂଗୀତ ଗାନ କରାଯିବ।

## ସୁରକ୍ଷା ବ୍ୟବସ୍ଥା

ରାଜ୍ୟସ୍ତରୀୟ ପରେଡ୍ ପାଇଁ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ। ଭୁବନେଶ୍ୱର ଡିସିପିଙ୍କ ସମେତ ୬ ଜଣ ଏଡିସିପି, ୮ ଜଣ ଏସିପି ଓ ଅନ୍ୟ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି।

# ପୁଲିସ୍ ମେଡାଲ୍ସ

ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ସରକାର, ପୁଲିସ, ଅଗ୍ନିଶମ ସେବା, ହୋମଗାର୍ଡ ଓ ସିଭିଲ ଡିଫେନ୍ସ ଏବଂ ସଂଶୋଧନ ସେବାର ୧ହଜାର ୫୭ଜଣ କର୍ମଚାରୀଙ୍କ ପାଇଁ ବୀରତ୍ୱ ଏବଂ ସେବା ପଦକ ଘୋଷଣା କରିଛନ୍ତି । ଜୀବନ ଓ ସମ୍ପତ୍ତି ରକ୍ଷା କରିବା, ଅପରାଧ ରୋକିବା ଓ ଅପରାଧିଙ୍କୁ ଧରିବା କ୍ଷେତ୍ରରେ ଉଲ୍ଲେଖନୀୟ ସାହସ ପ୍ରଦର୍ଶନ ପାଇଁ ବୀରତ୍ୱ ପଦକ ପ୍ରଦାନ କରାଯାଇଥାଏ । ୩୦୧ଟି ବୀରତ୍ୱ ପଦକ ମଧ୍ୟରୁ ୯୨ଜଣଙ୍କୁ ବିଶିଷ୍ଟ ସେବା ରାଷ୍ଟ୍ରପତି ପଦକ (ପିଏସ୍ଏମ୍) ପ୍ରଦାନ କରାଯାଇଛି। ଏଥିରେ ପୁଲିସ ସେବା କ୍ଷେତ୍ରରେ ୮୩ଟି, ଅଗ୍ନିଶମ ସେବା ପାଇଁ ୪ଟି, ସିଭିଲ ଡିଫେନ୍ସ ଏବଂ ହୋମଗାର୍ଡ ସେବା ପାଇଁ ୩ଟି ଏବଂ ସଂଶୋଧନ ସେବା ପାଇଁ ୨ଟି ପଦକ ରହିଛି । ଏହାବ୍ୟତୀତ ପ୍ରଶଂସନୀୟ ସେବା ପାଇଁ ୬୬୪ଟି ପଦକ ପ୍ରଦାନ କରାଯାଇଛି ।

ଓଡ଼ିଶାର ୧୭ ଜଣଙ୍କୁ ପୁଲିସ୍ ସେବା ପୁରସ୍କାର ମିଳିବ। ୫ ଜଣଙ୍କୁ ସାହସିକତା ଓ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ପାଇଁ ମନୋନୀତ କରାଯାଇଛି।

ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଓ ଉପ ଆରକ୍ଷୀ ଅଧିକ୍ଷକ ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ୧୦ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପାଇଁ ଚୟନ କରାଯାଇଛି।

## ବିଭାଜନ ବିଭୀଷିକା ସ୍ମୃତି ଦିବସ

୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ ଆଜିର ଦିନରେ ଦେଶ ବିଭାଜନ ହୋଇଥିଲା। ଏହି ଦିନକୁ ମନେପକାଇ ଦେଶ ଆଜି 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣାକ୍ରମେ ୨୦୨୧ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୧୪ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଏହି ବିଭାଜନ କେବଳ ଭୂଖଣ୍ଡର ସୀମା ନିର୍ଦ୍ଧାରଣ କରି ନଥିଲା ବରଂ ଏହା ଥିଲା ଲକ୍ଷ ଲକ୍ଷ ନିରୀହ ମଣିଷଙ୍କ ରକ୍ତ, ଅଶ୍ରୁ, ନିର୍ବାସନ ଓ ନିର୍ଯ୍ୟାତନାର କରୁଣ ସାକ୍ଷୀ। ସୀମାର ଉଭୟ ପାର୍ଶ୍ୱରୁ ପାଖାପାଖି ୧ କୋଟି ୪୦ ଲକ୍ଷ ଲୋକ ନିଜର ଭିଟାମାଟି ସମ୍ପତ୍ତି, ପରିବାର ଏବଂ ଅତୀତର ସ୍ମୃତି ଛାଡି ଶରଣାର୍ଥୀ ଭାବେ ଅନ୍ୟତ୍ର ପ୍ରସ୍ଥାନ କରିବାକୁ ବାଧ୍ୟ ହୋଇଥିଲେ। ସାମାଜିକ ସଂହତି ପ୍ରତିଷ୍ଠା ମାଧ୍ୟମରେ ସାମ୍ପ୍ରଦାୟିକ ଏବଂ ବିଭାଜନକାରୀ ଚିନ୍ତାଧାରାକୁ ପ୍ରତିହତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଦେଶ ବିଭାଜନରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତି ଓ ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରିଥିବା ବ୍ୟକ୍ତିମାନଙ୍କୁ ଆଜି ବିଭାଜନ

ବିଭୀଷିକା ସ୍ମୃତିଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଇତିହାସର ଏକ ନିର୍ଦ୍ଦୟ ଅଧ୍ୟାୟର ସାକ୍ଷୀ। ବିଭାଜନ ବିଭୀଷିକା ସ୍ମୃତିଦିବସ ଅବସରରେ କେନ୍ଦ୍ର ସରକାର ଯୁବପିଢ଼ୀଙ୍କ ନିକଟରେ ଏହି ଘଟଣାର ସ୍ମୃତିଚାରଣ କରୁଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ଅବସରରେ ସହିଦଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କହିଛନ୍ତି, ଆମ ସ୍ୱାଧୀନତାର ସୂର୍ଯ୍ୟ ଅଗଣିତ ସହିଦଙ୍କ ତ୍ୟାଗ ଓ ସଂଘର୍ଷରୁ ଜନ୍ମ ନେଇଥିଲା।

**ଉପମୁଖ୍ୟମନ୍ତ୍ରୀ** କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଭାଜନ ବିଭୀଷିକା ସ୍ମୃତିକୁ ସ୍ମରଣ କରିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ସନ୍ଧ୍ୟାରେ ଏହି ଅବସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ।

## ବିଭାଜନ ବିଭୀଷିକା

**ନବରଙ୍ଗପୁର** ଜିଲ୍ଲା ଉମରକୋଟ ବ୍ଲକ୍ ନାଇକଗୁଡ଼ାସ୍ଥିତ ୟୁଭି-୧୧ରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏଥିରେ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ବିଭାଜନର ସ୍ମୃତିକୁ ସ୍ମରଣ କରିଥିଲେ। ଏହି ଅବସରରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ପାଣିପାଗ-ବନ୍ୟା

ରାଜ୍ୟର ୪ଟି ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ **ପ୍ରଭାକର ପାଟିଲ** ସୂଚନା ଦେଇଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୪୫ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଭଦ୍ରକ ଓ ଯାଜପୁର ଜିଲ୍ଲା ପ୍ରଭାବିତ ହୋଇଛି। ପୂର୍ବରୁ ହୋଇଥିବା ଘାଇ ମଧ୍ୟ ଦେଇ ବନ୍ୟା ଜଳ ପ୍ରବେଶ କରିଛି। ଓଡ୍ରାଫର ୧୦ଟି ଓ ଏନ୍‌ଡିଆରଏଫ୍‌ର ୭ଟି ଟିମ୍‌କୁ ମୁତୟନ କରାଯାଇଛି ବୋଲି ଶ୍ରୀ ପାଟିଲ କହିଛନ୍ତି।

**- V/O - (ପ୍ରଭାକର ପାଟିଲ)**

# ପାଣିପାଗ-ଜଳସ୍ତର

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବା ସହ ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହୋଇ କେନ୍ଦ୍ରୀଭୂତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା

ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ସମେତ ୯ଟି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ସାଳନ୍ଦୀ, ଜମ୍ବୀରା ଆଦି ନଦୀରେ ବନ୍ୟା ଜଳ ବୃଦ୍ଧି ପାଉଛି । ଭଦ୍ରକ ଜିଲ୍ଲା ଆଖୁଆପଦା ନିକଟରେ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ।

ସରକାର ବନ୍ୟା ସ୍ଥିତି ପ୍ରତି ସଜାଗ ରହିବା ସହ ମହାନଦୀରେ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି ।

**- V/O - (ଦିଲ୍ଲୀପ ରାଉତ)**

**ଭଦ୍ରକ** ଜିଲ୍ଲା ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଦିନ ୨ଟା ସୁଦ୍ଧା ଜଳସ୍ତର ୧୯ ଦଶମିକ ୬/୧ ମିଟର ଥିବାବେଳେ ବିପଦସଂକେତ ହେଉଛି ୧୮

ଦଶମିକ ୩/୩ ମିଟର। ସେହିପରି ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

## ହର ଘର ତିରଙ୍ଗା

ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳସ୍ଥିତ ନୀଳକଣ୍ଠପୁରରେ ହରଘର ତିରଙ୍ଗା ଅଭିଯାନ ସାମିଲ ହୋଇ  ପଦଯାତ୍ରା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଏହି ଅଭିଯାନ ସମଗ୍ର ଦେଶରେ ଜାତୀୟତାବୋଧ, ଏକତା ଓ ଆତ୍ମସମ୍ମାନର ଅନନ୍ୟ ଶିହରଣ ସୃଷ୍ଟି କରିଛି। ପ୍ରତ୍ୟେକ ଭାରତୀୟଙ୍କୁ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ସଂଗ୍ରାମ ଓ ବଳିଦାନକୁ ମନେ ପକାଇବା ସହ ଦେଶ ସେବା ପାଇଁ ସଂକଳ୍ପବଦ୍ଧ ହେବାକୁ ଏହା ପ୍ରେରଣା ଯୋଗାଉଛି।

**ଝାରସୁଗୁଡ଼ା** ଜିଲ୍ଲା ବ୍ରଜରାଜନଗର ଓ ବେଲପାହାଡଠାରେ ଆୟୋଜିତ ହର ଘର ତିରଙ୍ଗା କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଅଭିଯାନରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଜାତୀୟତା, ଅଖଣ୍ଡତାର ପ୍ରତୀକ ତ୍ରିରଙ୍ଗା ପ୍ରତି ସମ୍ମାନ ଜଣାଇ ନଗର ପରିକ୍ରମା କରିଥିଲେ।

## ଗଞ୍ଜେଇ ଚାଷ

ରାଜ୍ୟରେ ଥିବା ସରକାରୀ ଜମିରେ ଅବୈଧ ଗଞ୍ଜେଇ ଚାଷକୁ ସଂପୂର୍ଣ୍ଣ ରୋକିବା ପାଇଁ କ୍ଷେତ୍ରସ୍ତରରେ ନିରନ୍ତର ଓ  ସମନ୍ୱିତ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ କହିଛନ୍ତି। ଜିଲ୍ଲାସ୍ତରରେ ଏକ ଉପଯୁକ୍ତ ଆଭ୍ୟନ୍ତରୀର ରିପୋର୍ଟିଂ ବ୍ୟବସ୍ଥା ଅବସ୍ଥାପିତ କରି ଅବୈଧ ଚାଷ ସମ୍ପର୍କିତ ସୂଚନା ପ୍ରଦାନ ପାଇଁ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଶ୍ରୀ ପାଢୀ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଦୁର୍ଗମ ଓ ଅପହଞ୍ଚ ଅଂଚଳରେ ପ୍ରତିବର୍ଷ ସରକାରୀ ରାଜସ୍ୱ ଜମିକୁ ଅବୈଧ ଗଞ୍ଜେଇ ଚାଷ ପାଇଁ ବ୍ୟବହାର କରାଯାଉଥିବାରୁ ଏଥିପ୍ରତି ସଜାଗ ରହିବାକୁ ଶ୍ରୀ ପାଢୀ ନିର୍ଦ୍ଦେଶ ଦେଇଛନ୍ତି।  ତହସିଲଦାର, ଅତିରିକ୍ତ ତହସିଲଦାର, ଆରଆଇଙ୍କୁ ପଦକ୍ଷେପ ନେବାକୁ କୁହାଯାଇଛି। ଗଞ୍ଜେଇ ଚାଷ ଚିହ୍ନଟ ହେଲେ ଥାନା, ଏସ୍‌ଟିଏଫ୍ କିମ୍ବା ଏଏନ୍‌ଟିଏଫ୍‌କୁ ଜଣାଇବା ପାଇଁ ଶ୍ରୀ ପାଢୀ ପରାମର୍ଶ ଦେଇଛନ୍ତି। ଗତବର୍ଷ ପୁଲିସ୍ ପକ୍ଷରୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲ୍ଲାର ୬ ହଜାର ୬୩୨ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା।

## ସଡକ ସୁରକ୍ଷା

ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ୍ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡକର

ଦୂରାବସ୍ଥା ଏବଂ ଛକଗୁଡ଼ିକରେ ବିଦ୍ୟୁତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।